ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଜାନୁୟାରୀ, ୨୦୨୨

## ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କ ସଂରକ୍ଷଣ ଦାବିରେ ଧାରଣା

ତିର୍ତ୍ତୋଲ (ଡି.ଏନ.ଏ.): ଆଗାମୀ ନିର୍ବାଚନରେ ପଛୁଆ ବର୍ଗଙ୍କ ସଂରକ୍ଷଣ ଲାଗି ବ୍ୟବସ୍ଥା ସୁନିଶ୍ଚିତ କରିବା ଦାବିରେ ମଙ୍ଗଳବାର ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ସଭାରେ ଜିଲା ଓବିସି ସେଲ୍‌ର ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଭାଜପା ଓବିସି ସେଲ୍‌ର ରାଜ୍ୟ ଉପସଭାପତି ସୁକାନ୍ତ କୁମାର ବିଶ୍ୱାଳ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ମାନସ ମହାପାତ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଜୟ ଦାଶ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ତାପସ ମହାନ୍ତି, ସଂଖ୍ୟାଲଘୁ ସେଲର ସୟଦ ଜରିଆ ରସୁଲ, ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ ଓ ରୁପକ ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ।



## ସଂକ୍ଷେପରେ

### ସନ୍ଦିଗ୍ଧ ପାରା ଜବତ

**ମାର୍ଶାଘାଇ,୪।୧(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଦଶିପୁର ଗାଁରେ ଏକ ସନ୍ଦିଗ୍ଧ ପାରା ଜବତ ହୋଇଛି। ଗ୍ରାମର ଜୀବନ ମାଝି ସୋମବାର ଉଦ୍ଧାର କରିଥିବା ଏହି ପାରା ଗୋଡରେ ଭିଏଚପିଏ ୧୯୭୪ ଟ୍ୟାଗ ରହିଛି। ଏ ନେଇ ଜୀବନ ମାର୍ଶାଘାଇ ପୋଲିସକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସହରର ପାରାପ୍ରେମୀ ଇଂ. ନଳିନୀକାନ୍ତ ରଥ କହିଛନ୍ତି, ବିଭିନ୍ନ ଲୋକଙ୍କର ପାରା ପାଳିବା ସଉକ ଅଛି। କେତେକ ପାରାଙ୍କୁ ତାଲିମ ମାଧ୍ୟମରେ ଚିଠି ପଠାଇବା ବା ଗୋଇନ୍ଦା କାର୍ଯ୍ୟରେ ମଧ୍ୟ ଲଗାଯାଉଛି। ଟ୍ୟାଗ ମାଧ୍ୟମରେ ପାରା ମାଲିକଙ୍କ ସମ୍ପର୍କରେ ସୂଚନା ମିଳିଥାଏ। ଏଠାରେ ମିଳିଥିବା ଟ୍ୟାଗ ଅନୁଯାୟୀ ବିଶାଖାପାଟଣା, ଭାଇଜାଗ କିମ୍ବା ଭିଲ୍‌ଲୁପୁରମ ହୋମର ପିଗନ ଆସୋସିଏଶନକୁ ଚିହ୍ନଟ କରୁଛି। ତେବେ ବଡ ଆଶ୍ଚର୍ଯ୍ୟର କଥା ଏହି ପାରା ମୂଳ ସ୍ଥାନକୁ ଫେରିବାରେ କୌଣସି ବ୍ୟତିକ୍ରମ କରି ନ ଥାନ୍ତି। ଭାଇଜାଗରୁ କେନ୍ଦ୍ରାପଡ଼ା ଆସିବା ପଥକୁ ନେଇ ବିସ୍ମିତ ହେବାକୁ ପଡିଛି। ଏ ସମ୍ପର୍କରେ ଆଇଆଇସି ପି.କେ. କାନୁନ୍‌ଗୋ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛି। କେଉଁ ଅଞ୍ଚଳର ପାରା ଚିହ୍ନଟ ନେଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

### ମହାବିଦ୍ୟାଳୟରେ ଶୀତକାଳୀନ ଶିବିର

**ବିରିଡି,୪।୧(ଡି.ଏନ୍.ଏ.):** ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଶୀତକାଳୀନ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଅକ୍ଷୟ କୁମାର ଭଦ୍ର, ମମତା ମଞ୍ଜରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବରରେ ବାଳିକା ଓ ବାଳକ ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଧାନମଣ୍ଡି ଉଦ୍‌ଘାଟିତ

**ଆଲି,୪।୧(ଡି.ଏନ୍.ଏ.):** ଆଲି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ୧୧ଟି ପ୍ରାଥମିକ କୃଷି ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆଲି ଦେମାଲ ପ୍ରାଥମିକ ସେବା ସମବାୟ ସମିତିର ଧାନମଣ୍ଡିକୁ ଆଲି ବ୍ଲକ ଯୋଗାଣ ଅଧିକାରୀ ରବୀନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଜଗନ୍ନାଥ ତ୍ରିପାଠୀ, ସମ୍ପାଦକ ରାଜକିଶୋର ମଲିକ, ଦେମାଲ ସରପଞ୍ଚ ମନୋରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଙ୍ଗିରି ପ୍ରାଥମିକ ସେବା ସମବାୟ ସମିତି ଓ ଭୂଇଁପୁର ସେବା ସମବାୟ ସମିତିର ଧାନମଣ୍ଡିକୁ ଯୋଗାଣ ଅଧିକାରୀ ବେହେରା ଉଦ୍‌ଘାଟନ କରିଥିବା ବେଳେ ସିଙ୍ଗିରି ସମ୍ପାଦକ ଅମରେନ୍ଦ୍ର ରାଉଳ, ଭୂଇଁପୁର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣ କରିଥିବା ଚାଷୀମାନେ ନିଜର ଧାନ ବିକ୍ରି କରିବାର ସୁବିଧା ପାଇବେ ବୋଲି ଯୋଗାଣ ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ସେହିପରି ପତ୍ରପୁର, ବାଟିପଡା, ଡିମିରିପାଳ, ଗୋବିନ୍ଦପୁର, ଦେସାହି, ନୂଆଗାଁ ଓ କଣ୍ଟିପୁର ସେବା ସମବାୟ ସମିତି ଧାନ ମଣ୍ଡିକୁ ସମ୍ପାଦକ ଓ ଅନ୍ୟମାନେ ଉଦ୍‌ଘାଟନ କରିଥିଲେ। ଏଫକ୍ୟୁ ମାନର ଧାନ ୧୯୬୦ ଓ ସାଧାରଣ ଧାନ କୁଇଣ୍ଟାଲ ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ଯୋଗାଣ ଅଧିକାରୀ ବେହେରା କହିଛନ୍ତି।

# ଫେଲ୍ ମାରିଛି କଂକ୍ରିଟ ଖଳା ଯୋଜନା

**କେନ୍ଦ୍ରାପଡ଼ା ଅଫିସ, ୪।୧**


କଂକ୍ରିଟ ଖଳାରେ ବାଲି ଓ ଅନ୍ୟ ସାମଗ୍ରୀ ଗଦା ହୋଇ ରହିଛି।

- ଫସଲ ପରିବର୍ତ୍ତେ ଜମା ରହୁଛି ଘରୋଇ ସାମଗ୍ରୀ
- ଜିଲାରେ ନିର୍ମାଣ ହୋଇଛି ମୋଟ୍ ୧୦୬ ଖଳା

କେନ୍ଦ୍ରାପଡ଼ା ଜିଲାରେ କୃଷି ଯୋଜନା କାର୍ଯ୍ୟକାରୀ ହୋଇପାରୁନି। ଯୋଜନା ସହ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ତୃଣମୂଳସ୍ତରର ଚାଷୀ ଉପକୃତ ହୋଇପାରୁନାହାନ୍ତି। ସୂର୍ଯ୍ୟମୁଖୀ, ବାଦାମ ବିହନ ଯୋଗାଣର ଅନିୟମିତତା ପରେ ଏବେ କ୍ରଂକ୍ରିଟ ଖଳା ଯୋଜନା ନେଇ ଚାଷୀ ଅସନ୍ତୁଷ୍ଟ ଅଛନ୍ତି। ଜିଲାରେ ଇତିମଧ୍ୟରେ ୧୦୬ଟି ଖଳା ନିର୍ମାଣ ହୋଇଛି। ତେବେ ଏହି ଖଳା ଚାଷୀଙ୍କ ପରିବର୍ତ୍ତେ କେତେଜଣ ପ୍ରଭାବଶାଳୀଙ୍କ ଜବରଦଖଲକୁ ଚାଲିଯାଇଛି। ସେହିପରି ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ଅଳ୍ପଦିନ ମଧ୍ୟରେ ଖଳା ନଷ୍ଟ ହୋଇଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି।

ଡେରାବିଶ ବ୍ଲକ ବାରିମୂଳର ଅନନ୍ତ ମଲ୍ଲିକ କୁହନ୍ତି, ଖରିଫ ଧାନ ଅମଳ ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜିଲାରେ ଧାନଚାଷ ଅଧିକ ପରିମାଣରେ ହୁଏ। ଏହାର ଅମଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗ୍ରାମରେ କଂକ୍ରିଟ ଖଳା ନିର୍ମାଣ ହୋଇଛି। ଏହାକୁ ଚାଷୀମାନେ ବ୍ୟବହାର କରିପାରୁନାହାନ୍ତି। ଏବେ ଖଳାକୁ ଲୋକେ ଜବରଦଖଲକୁ ନେଇ ଗଲେଣି। ଖଳାରେ ଗାଈ ମଇଁଷି ବାନ୍ଧିବା ସହ ଘସିଭାଡି ରହିଛି। ଏପରି କି ଏହି ଖଳାରେ ବାଲି, ଗୋଡି ରହିଥିବା ଦେଖିବାକୁ ମିଳିଛି। ଜିଲାରେ ସାଧାରଣତଃ ଧାନ ଅମଳ ସମୟରେ ସାମୁଦ୍ରିକ ଝଡ଼ ଦେଖାଯାଇଥାଏ। ଏହି ସମୟରେ ଅମଳ ଲାଗି ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ଜବରଦଖଲରେ ଖଳା ଥିବାରୁ ଚାଷୀ କଂକ୍ରିଟ ଖଳାର ବ୍ୟବହାର କରିପାରୁନାହାନ୍ତି। ମହାକାଳପଡ଼ାର ଚାଷୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ଗୋଟିଏ କଂକ୍ରିଟ ଖଳାରେ ଅନ୍ୟୂନ ୭ରୁ ୯ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବ୍ୟୟ ହେଉଛି। ତେବେ ନିର୍ମାଣକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ନଜର ରହୁନାହିଁ। ଫଳରେ ଠିକାଦାର ଖଳା ନିର୍ମାଣ ପରେ ଦୁଇ ମାସ ମଧ୍ୟରେ ଏହା ନଷ୍ଟ ହେଉଛି। ସେହିପରି ଖଳା ନିର୍ମାଣ ସ୍ଥାନ ଚୟନରେ ବହୁ ତ୍ରୁଟି ଅଛି। ଖଳାକୁ କ୍ଷେତ ଅଞ୍ଚଳ ମଧ୍ୟରେ ରଖିଲେ ଏହାର ଠିକ୍ ବ୍ୟବହାର କରାଯାଇପାରିବ। ତେବେ କେତେକ ଖଳା ଓ କ୍ଷେତର ଦୂରତା ପ୍ରାୟ ୩ରୁ ୫ କିମି ରହୁଥିବାରୁ ଚାଷୀ ଏହାକୁ ବ୍ୟବହାର କରିପାରୁନାହାନ୍ତି। ଏହାସହ ଖଳାକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରା ନ ଗଲେ ଯୋଜନା ଫେଲ୍ ମାରିବ ବୋଲି କୁହାଯାଇପାରେ। ଏ ସମ୍ପର୍କରେ ଜିଲା କୃଷି ନିର୍ଦ୍ଦେଶକ ଶିବ ପ୍ରସାଦ ମଲ୍ଲିକଙ୍କୁ ପଚାରିବାରେ ଜିଲାରେ ମୋଟ ୧୦୬ଟି ଖଳା ମଧ୍ୟରୁ କୃଷି ବିଭାଗ ପକ୍ଷରୁ ୨୮ଟି ନିର୍ମାଣ ହୋଇଛି। ଅବଶିଷ୍ଟ ୭୮ ଖଳା ଆରଏମ୍‌ସି ପକ୍ଷରୁ ନିର୍ମାଣ କରାଯାଇଛି। ପ୍ରାୟ ଅଢ଼େଇ ଗୁଣ୍ଠ ଜମି ଉପରେ ଖଳା ନିର୍ମାଣ ପାଇଁ ୭ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଗ୍ରାମର ଚାଷୀ ଏହାକୁ ବ୍ୟବହାର କରିବା କଥା। ଗ୍ରାମବାସୀଙ୍କ ବିରୋଧ ହେଲେ ଜବରଦଖଲ ହଟିବ। ଏ ସମ୍ପର୍କରେ ଆରଏମ୍‌ସି ସମ୍ପାଦକ ଅଜୟ କୁମାର ରାଉତ କହିଛନ୍ତି, ଜବରଦଖଲ ସମ୍ପର୍କରେ ଅଦ୍ୟାବଧି କୌଣସି ଅଭିଯୋଗ ଆସିନାହିଁ। ଏପରି ଘଟଣା ନଜରକୁ ଆସିଲେ ପ୍ରଶାସନିକ ତଦନ୍ତ ସହ ପୋଲିସ ସହଯୋଗରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ।

# ମୃତବ୍ୟକ୍ତିଙ୍କ ନାମରେ ଅର୍ଥ ହରିଲୁଟ ଅଭିଯୋଗ

**ଏରସମା,୪।୧(ସ୍ୱ.ପ୍ର.)**

**ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ତଦନ୍ତ**

ଏରସମା ଥାନା ଅନ୍ତର୍ଗତ ଜାନକାଦେଇପୁର ପଞ୍ଚାୟତରେ ଜଣେ ମୃତବ୍ୟକ୍ତିଙ୍କ ନାମରେ ଲକ୍ଷାଧିକ ଟଙ୍କାର ବିଲ୍ କରାଯାଇ ଅର୍ଥ ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି।

ଜାନକାଦେଇପୁର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିଲା। ଏହାକୁ ଦୂର କରିବାକୁ ଏରସମାସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ନିକଟରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲା। ଏ ନେଇ ବିଭାଗ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଅଧୀନରେ ୨୦୨୦ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ଦେବେନ୍ଦ୍ର ରଥଙ୍କ ଟ୍ରାକ୍ଟରକୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ମାତ୍ର ଦେବେନ୍ଦ୍ରଙ୍କୁ କାର୍ଯ୍ୟ ବାବଦରେ ଟଙ୍କା ନ ମିଳିବାରୁ ସେ ସୂଚନା ଅଧିକାର ଆଇନରେ ତଥ୍ୟ ମଗାଇଥିଲେ। ତଥ୍ୟ ଅନୁସାରେ, ତାଙ୍କ ମୃତ ବାପା ଭାସ୍କର ରଥଙ୍କ ନାମରେ ୩ ଲକ୍ଷ ୮୨ ହଜାର ଅର୍ଥ ଉଠାଯାଇଥିବା ଜଣାପଡିଛି।

ଏ ସମ୍ପର୍କରେ ଦେବେନ୍ଦ୍ର କହିଛନ୍ତି, ତାଙ୍କ ବାପା ୨୦୧୬ରୁ ମୃତ୍ୟୁବରଣ କରିଥିଲେ ମଧ୍ୟ ୨୦୨୦ରେ ହୋଇଥିବା କାମ ପାଇଁ ତାଙ୍କ ନାମରେ ବିଲ୍ କରାଯାଇ ଅର୍ଥ ଉଠାଯାଇଛି। ଏହାଛଡା ଉକ୍ତ କାମ ବାବଦରେ ଆଉ କିଛି ବିଲ୍ ଦେବେନ୍ଦ୍ରଙ୍କ ନାମରେ କରାଯାଇ ଅର୍ଥ ଆତ୍ମସାତ କରାଯାଇଛି। ତେବେ ଉକ୍ତ ବିଲ୍‌ରେ ଦେବେନ୍ଦ୍ରଙ୍କ ଜାଲ୍ ଦସ୍ତଖତ କରାଯାଇଛି ବୋଲି ବିଡିଓ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ଏ ବିଷୟରେ ସରପଞ୍ଚ ନର୍ମଦା ପାଳ କହିଛନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ମୃତକଙ୍କ ନାମରେ ବିଲ୍ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ତନ୍ମୟ ଦାସ କହିଛନ୍ତି, ସେ କେବଳ ଏଷ୍ଟିମେଟରେ ଦସ୍ତଖତ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ କାହା ନାମରେ ବିଲ୍ କରି ଅର୍ଥ ହସ୍ତାନ୍ତର କରିଛନ୍ତି ତାହା କହିପାରିବେ ନାହିଁ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶରତ ପରିଡାଙ୍କୁ ଏ ବିଷୟରେ ପଚାରିବାରୁ କୌଣସି ମତାମତ ଦେବାକୁ ମନା କରିଥିଲେ। ଅଭିଯୋଗ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ଭିଜିଲାନ୍ସ ଅଧିକାରୀ ଏହାର ତଦନ୍ତ କରୁଛନ୍ତି। ତଦନ୍ତପରେ ସତ୍ୟାସତ୍ୟ ଜଣାପଡିବ।

# ୨ ଜିଲାରେ ନିଯୁକ୍ତି ମେଳା: ୧୧୯୨ ପଞ୍ଜୀକୃତ

**ଜଗତ୍‌ସିଂହପୁର ଅଫିସ/ କେନ୍ଦ୍ରାପଡ଼ା ଅଫିସ, ୪।୧**

ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାରେ ମଙ୍ଗଳବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଉଭୟ ଜିଲାରେ ମୋଟ ୧୧୯୨ ଆଶାୟୀ ନିଯୁକ୍ତି ପାଇଁ ନାମ ପଞ୍ଜୀକୃତ କରଛନ୍ତି। ଜଗତ୍‌ସିଂହପୁରରେ ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟରେ ଓଡ଼ିଶା ଦକ୍ଷତା ବୃଦ୍ଧି ପ୍ରାଧିକାରୀ ଓ ଜିଲା ପ୍ରଶାସନ ମିଳିତରେ ଏହି ମେଳା ଆୟୋଜିତ ହୋଇଥିଲା। ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଷ୍ଟମରୁ ଯୁକ୍ତ ୩, ଆଇଟିଆଇ, ଡିପ୍ଲୋମା ପାସ କରିଥିବା ୪୪୬ ଜଣ ଅଂଶଗ୍ରହଣ କରିଥିଲେ। ମେଳାରେ ୧୩୧ ଜଣଙ୍କୁ ଅଫର ଲେଟର ମିଳିଥିଲା। ଅନ୍ୟପକ୍ଷେ ୨୫୨ ଜଣ ନିଯୁକ୍ତି ଭିତ୍ତିକ ତାଲିମ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ। ମେଳାରେ ପିଆଇଏ କ୍ୟୁଭାନ୍ ସ୍କିଲ, ସିପେଟ୍, ସିଷ୍ଟା ହସ୍ପିଟାଲିଟି, ସାହି ଏକ୍ସପର୍ଟ ଏବଂ ଏଆଇଏସ୍‌ଇସିଟି ସଂସ୍ଥାର ପ୍ରତିନିଧି ଭାଗ ନେଇଥିଲେ। ସେହିପରି କେନ୍ଦ୍ରାପଡ଼ାରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ନିଯୁକ୍ତି ମେଳାକୁ ଜିଲାପାଳ ଅମୃତ ଋତୁରାଜ ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ରାପଡା, ଡେରାବିଶ, ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ଅଞ୍ଚଳର ୭୪୬ ଜଣ ନିଯୁକ୍ତି ଆଶାୟୀ ନାମ ପଞ୍ଜୀକୃତ କରିଥିଲେ। ମେଳାରେ ଗୁଡ ୱାର୍କସ, ସିପେଟ, ସେଞ୍ଚୁରିଆନ ୟୁନିଭରସିଟି, ଏସ୍‌ଆଇପିଟି, ପିନାକେଲ, ହ୍ୟୁମାନ ରିସୋର୍ସ, ସାହି ଏକ୍ସପୋର୍ଟ ଆଦି ସଂସ୍ଥା ଅଂଶଗ୍ରହଣ କରିଥିଲେ। ଜିଲା କର୍ମ ନିୟୋଜନ ଅଧିକାରିଣୀ କେ. ରୋଜା ଦୋରା, ପିଡି ରାଜେନ୍ଦ୍ର ପଣ୍ଡା, ମମତାରାଣୀ ପରିଡା, ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟ ଆସର

**ରାହାମା,୪।୧(ଡି.ଏନ୍.ଏ.)**

ରାହାମା ତେରମାଣପୁରସ୍ଥିତ ଶ୍ରୀନୃସିଂହ ଠାକୁର ମନ୍ଦିରରେ ମାଟିଘର ଅନୁଷ୍ଠାନର ପକ୍ଷରୁ ସାହିତ୍ୟ ଆସର ହୋଇଥିଲା। ଅନୁଷ୍ଠାନର ସଭାପତି କ୍ଷୀରୋଦ ଓଝା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଜୀବନାନନ୍ଦ ଅଧିକାରୀ, ଅତିଥି ଭାବେ ଡ.ଅଶୋକ କୁମାର ରାଉତ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ ସେଠୀ, ପ୍ରତାପ ଚନ୍ଦ୍ର ମହାନ୍ତି ଓ ପ୍ରହଲ୍ଲାଦ ସ୍ୱାଇଁ ଉପସ୍ଥିତ ଥିଲେ। କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ବିଷ୍ଣୁପ୍ରସଦ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଅଧିକାରୀ ରମାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ବେଙ୍ଗା, ସିକୋ ସେତୁର ଶିଳାନ୍ୟାସ

**ରାଜକନିକା,୪।୧(ଡି.ଏନ.ଏ.)**

ରାଜକନିକା ବ୍ଲକ ପଣସଗଣ୍ଡ ପଞ୍ଚାୟତର ଦାମୋଦରପୁର ନିକଟରେ ବେଙ୍ଗା ନଦୀ ଉପରେ ୨ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ଏକ ନୂଆ ସେତୁକୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଶିଳାନ୍ୟାସ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିକାଶ ଚନ୍ଦ୍ର ଦାସ, ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ, ଶ୍ରୀବତ୍ସ ଲାଛନ ଦାଶ, ରାଜକନିକା ବ୍ଲକ ବିଜେଡିର ସଭାପତି ଅୟସ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ଦେବ ବିଜୁ ସେତୁ ଯୋଜନାରେ ସିକୋ ନାଳରେ ଏକ ସେତୁ ୨ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏଥିରେ ସରପଞ୍ଚ ବାସୁଦେବ ବିଶ୍ୱାଳ, ବିଡିଓ ରବି ନାରାୟଣ ଆଚାର୍ଯ୍ୟ, ବ୍ଲକ ବିଜେଡି ସମ୍ପାଦକ ଭବାନୀଶଙ୍କର ରାୟ, ଭାଗୀରଥି ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ନିଷ୍କାସନ ପଥରୁ ଅବରୋଧ ହଟିଲା


ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଅବରୋଧକୁ ଉଚ୍ଛେଦ କରାଯାଉଛି।

**ପାଟକୁରା, ୪।୧(ଡି.ଏନ.ଏ.)**

ଗରଦପୁର ବ୍ଲକ ତେଣ୍ଡାକୁଡ଼ା ପଞ୍ଚାୟତର ଆଳିଜଙ୍ଗାଠାରେ ଥିବା ଅସୁରଖୋଳାର ଶାଖା ପାଟନାଳି ଜଳାଶୟକୁ ଦୁଇମାସ ପୂର୍ବେ ଜମିକୁ ରାସ୍ତା ଆଳରେ ବାଲି ପକାଇ ଅବରୋଧ କରାଯାଇଥିଲା। ମଙ୍ଗଳବାର ପ୍ରଶାସନିକ ଅଧିକାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଅବରୋଧ ସ୍ଥାନକୁ ଜେସିବି ଓ ଟ୍ରାକ୍ଟର ଲଗାଇ ଉଚ୍ଛେଦ କରିଛନ୍ତି।

ଚିତ୍ରୋତ୍ପଳା-ପାଇକା ଦ୍ୱୀପାଞ୍ଚଳ ମଧ୍ୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ପ୍ରାକୃତିକ ପାଟନାଳି ଅସୁରଖୋଳା ନାମରେ ଦୀର୍ଘ ୩୦ କିମି ବ୍ୟାପୀ ରହିଛି। ଆଳିଜଙ୍ଗା, ଶଙ୍କରଭୋଳ ଗାଁର ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଏକ ଶାଖା ପାଟନାଳି ଆଳିଜଙ୍ଗାଠାରୁ ଅସୁରଖୋଳାକୁ ଲାଗିଛି। ଆଳିଜଙ୍ଗାଠାରେ ଥିବା ଏହି ଜଳାଶୟ ଶାଖା ପାଟନାଳିରେ କ୍ରିଷ୍ଣାନନ୍ଦପୁର ଗାଁର ୩ ଜଣ ବ୍ୟକ୍ତି ପାଟନାଳି ସେପଟେ ଥିବା ନିଜ ଜମିକୁ ରାସ୍ତା ନେବାକୁ ଜଳାଶୟରେ ବାଲି ପକାଇ ଜଳ ନିଷ୍କାସନ ପଥକୁ ଅବରୋଧ କରିଥିଲେ। ଏହାର ପ୍ରତିବାଦ କରି ଆଳିଜଙ୍ଗା ଗ୍ରାମବାସୀ ଗରଦପୁର ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପ୍ରଶାସନିକ ଅଧିକାରୀମାନେ କୌଣସି ପଦକ୍ଷେପ ନ ନେଇ ଚୁପ୍ ବସିଥିଲେ। ଫଳରେ ଗ୍ରାମବାସୀ ହାଇକୋର୍ଟରେ ଏକ ରିଟ୍ ପିଟିଶନ୍ ଦାଖଲ କରି ନ୍ୟାୟ ପାଇଁ ଆପତ୍ତି କରିଥିଲେ। ହାଇକୋର୍ଟ ଡବ୍ଲୁପିସି ୩୦୫୫୯/ ୬।୧୨।୨୧ରେ ଏକ ନିର୍ଦ୍ଦେଶ ଦେଇ ଜଳାଶୟରୁ ଅବରୋଧ ହଟାଇ ପୂର୍ବାବସ୍ଥା ଫେରାଇ ଆଣିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଆଳିଜଙ୍ଗାର ଖାତା ନଂ.୨୫୩, ପ୍ଲଟ ନଂ. ୨୪ ସରକାରୀ ଜଳାଶୟରେ ଥିବା ଅବରୋଧକୁ ହଟାଯାଇଛି। ଗରଦପୁର ତହସିଲଦାର ସନ୍ତୋଷ କୁମାର ସାହୁ, ପାଟକୁରା ଆଇଆଇସି ସରୋଜ କୁମାର ସାହୁ, କୋରୁଆ ଫାଣ୍ଡି ଅଧିକାରୀ ଅଜୟ ସୁନ୍ଦରାୟ, ସ୍ଥାନୀୟ ସରପଞ୍ଚ ମଳୟା ବାସିନୀ ମହାନ୍ତି ସେଠାରେ ଉପସ୍ଥିତ ରହିଥିଲେ।

# ଢିଙ୍କିଆରେ ପୋଲିସକୁ ଆକ୍ରମଣ ଘଟଣା: ଅଭିଯୁକ୍ତ ବାପ, ପୁଅ ଗିରଫ

**କୁଜଙ୍ଗ, ୪।୧(ଡି.ଏନ୍.ଏ.)**

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଡିସେମ୍ବର ୪ରେ ହୋଇଥିବା ବୋମାମାଡ଼ ଘଟଣାର ତଦନ୍ତ କରିବାକୁ ଯାଇଥିବା ଅଭୟଚାନ୍ଦପୁର ଥାନାର ତତ୍କାଳୀନ ଆଇଆଇସିଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଅଭିଯୋଗରେ ମଙ୍ଗଳବାର ଢିଙ୍କିଆ ଗାଁର ସୁରେନ୍ଦ୍ର ସ୍ୱାଇଁ ଓ ପୁଅ ରିପୁନଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପ୍ରକଳ୍ପ ବିରୋଧୀ ଶିବିରରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଢିଙ୍କିଆ ପଞ୍ଚାୟତର ମାହଳ, ପାଟଣା ଓ ଢିଙ୍କିଆ ଗ୍ରାମରେ ମୋଟ ୩୩ ପାନବରଜ ମାପଚୁପ କରାଯାଇ ସେଥିରୁ ୧୦ଟି ବରଜ ଅଧିଗ୍ରହଣ କରାଯାଇଥିବା ତହସିଲଦାର ପ୍ରଜ୍ଞାନନ୍ଦ ଦାସ କହିଛନ୍ତି। ସୋମବାର ଢିଙ୍କିଆ ଗ୍ରାମର ଯେଉଁ ବ୍ୟକ୍ତିମାନେ ସ୍ୱଇଚ୍ଛାରେ ପାନବରଜ ଦେବାକୁ ସହମତି ପ୍ରକାଶ କରିଥିବା କୁହାଯାଇଥିଲା ସେମାନଙ୍କ ମଧ୍ୟରୁ କେତେଜଣ ଏହାକୁ ଅସ୍ୱୀକାର କରିଛନ୍ତି।

# 'ଶିଶୁ ସୁରକ୍ଷା ପାଇଁ କ୍ଷେତ୍ର ଅଭିଜ୍ଞତା ଜରୁରୀ'

**ଜଗତ୍‌ସିଂହପୁର ଅଫିସ, ୪।୧**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୫ ଓ ଶିଶୁ ସୁରକ୍ଷା ଅଧିନିୟମ-୨୦୧୨ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଜିଲାପାଳ ପାରୁଲ ପଟୱାରୀ ଉଦ୍‌ଘାଟନ କରି କହିଥିଲେ। ଏଭଳି ପ୍ରଶିକ୍ଷଣ ପୋଲିସ ଅଧିକାରୀ ତଥା ଶିଶୁ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ଅନ୍ୟ ଅଂଶୀଦାରଙ୍କ ପାଇଁ ବେଶ୍ ସହାୟକ ହେବ। ଶିଶୁ ସୁରକ୍ଷା ପାଇଁ କ୍ଷେତ୍ର ଅଭିଜ୍ଞତା ଗୁରୁତ୍ୱ ବହନ କରେ। ତେଣୁ ଏହାର ଠିକ ପ୍ରୟୋଗ କରି ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଏଏସ୍‌ପି ଉମେଶ କୁମାର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ, ଶିଶୁ ମଙ୍ଗଳ କମିଟିର ସଭ୍ୟ, କିଶୋର ନ୍ୟାୟ ପରିଷଦର ସଭ୍ୟମାନେ ଯୋଗ ଦେଇଥିଲେ। ପ୍ରମୋଦ କୁମାର ଆଚାର୍ଯ୍ୟ ପ୍ରଶିକ୍ଷକ ଭାବେ ଯୋଗ ଦେଇ ବିଭିନ୍ନ ଥାନାରୁ ଆସିଥିବା ଅଧିକାରୀଙ୍କୁ ତାଲିମ ଦେଇଥିଲେ। ଡିସିପିୟୁ ପ୍ରୋମେସନ୍ ଅଧିକାରୀ ଜଗନ୍ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

DSPL-372

**୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା**

ଟୀକାକରଣ ପାଇଁ ଯୋଗ୍ୟତା - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା (୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

ପଞ୍ଜିକରଣ ଉପାୟ - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜିକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜିକରଣ କରନ୍ତୁ।

ପଞ୍ଜିକରଣ ପାଇଁ ଆବଶ୍ୟକ ପରିଚୟପତ୍ର (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍‌ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

ଟୀକାର ନାମ - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ଟୀକା ନେବାପରେ ମଧ୍ୟ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ**

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

## ସଂକ୍ଷେପରେ

### ୫୮ କେଜି ଗଞ୍ଜେଇ, ୨ କାର୍ ଜବତ
୫ ଅଭିଯୁକ୍ତ ଗଲେ ଜେଲ



**ନୟାଗଡ଼ ଅଫିସ,୪ା୧:** ଇଟାମାଟି ଥାନା ପୋଲିସ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ମଜୁରିଆପଲ୍ଲୀଠାରୁ ୨ଟି କାର ସହ ୫୮ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହା ଘଟଣାରେ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଜିରିଙ୍ଗିପଡାର ହରିଆଲ ସାହିନି (୨୧) ଓ ଶ୍ୟାମ ସୁନ୍ଦର ସାହାଣୀ (୨୬), ରୁଗୁଡିସାହି ନାରାୟଣରୋଡର ରବି ଶଙ୍କର ସାହାଣୀ (୨୩), ଖଜୁରୀପଡା ଥାନା ଡାଳପଡା ଗାଁର ରାଜୀବ ଜାନି (୨୩) ଓ ଛନ୍ଦ୍ରପଦର ଗାଁର ଶ୍ରୀକଷ୍ଣ ଜାନି (୨୫)ଙ୍କୁ ନୟାଗଡ଼ ସବ୍ ଜେଲ ଯିବାକୁ ପଡିଛି। ଆଇଆଇସି ରମେଶ ଦେବତାଙ୍କ ସୂଚନା ଅନୁସାରେ, ନଂ. ଓଡି ୧୫ ଏକ ୭୦୭୦ ଓ ଓଡି ୦୨ ବିଭି ୨୧୬୬ ଦୁଇଟି କାରରେ କନ୍ଧମାଳରୁ ଗଞ୍ଜେଇ ଭୁବନେଶ୍ୱର ଯାଉଥିଲା। ମଜୁରିଆପଲ୍ଲୀଠାରେ ସୋମବାର ସନ୍ଧ୍ୟାରେ ଧରପଗଡ ସମୟରେ କାର ଦୁଇଟିରୁ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ନଂ. ୨/୨୨ରେ ମାମଲା ରୁଜୁ ହୋଇଛି।

### ଅରଗୁଣା କନ୍ଦା ସହ ଗାଡ଼ି ଜବତ, ଜଣେ ଗିରଫ

**ଦଶପଲ୍ଲା, ୪ା୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଜାମୁସାହି ନିକଟରୁ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅରଗୁଣା କନ୍ଦା ସହ ଏକ ଗାଡିକୁ ଜବତ କରାଯାଇଛି। କନ୍ଦା ଚାଲାଣ କରୁଥିବା ସନ୍ତୋଷ ପ୍ରଧାନଙ୍କୁ ଗିରଫ କରାଯାଇଛି। ଚକାପାଦୁ ଅଞ୍ଚଳରୁ ଏକ ଗାଡିରେ ଅରଗୁଣା କନ୍ଦା ଦଶପଲ୍ଲା ଆସୁଥିବା ଖବରପାଇ ନୟାଗଡ଼ ଡିଏଫ୍ଓ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା । ଉକ୍ତ ଗାଡିରୁ ୧୯ ବ୍ୟାଗ ଅରଗୁଣା କନ୍ଦା ଜବତ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦଶପଲ୍ଲା ରେଞ୍ଜରଙ୍କ ସୂତ୍ରରୁ ଜଣାଯାଇଛି।

### ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

**ଓଡ଼ଗାଁ,୪ା୧(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ଗ୍ରାମ ପଞ୍ଚାୟତ ଗୋଡ଼ିପଲ୍ଲୀ ଗ୍ରାମର ନାଟ୍ୟ କଳାକାର ତଥା ନିର୍ଦ୍ଦେଶକ ବିଜୟ କୁମାର ଦାସ(୫୬)ଙ୍କ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ପିଲାଟି ଦିନରୁ ନାଟ୍ୟକଳା ପ୍ରତି ରୁଚି ରଖିଥିବା ବିଜୟ ନିଜର ଅଭିନୟ ମାଧମରେ ଦର୍ଶକଙ୍କ ମଧରେ ଲୋକପ୍ରିୟ ହୋଇପାରିଥିଲେ । ସେ ନୟାଗଡ଼ ତଥା ପଡୋଶୀ ଗଞ୍ଜାମ ଜିଲାର ଲୋକକଳା ସଂସ୍କୃତିର ପ୍ରଚାର ପ୍ରସାର କରିଥିଲେ । ବିଶେଷତଃ ଦଣ୍ଡନାଚ ନିର୍ଦ୍ଦେଶନାରେ ବେଶ ପାରଦର୍ଶୀତା ଲାଭ କରିଥିଲେ । ବିଭିନ୍ନ ଗାଁରେ ସେ ନାଚ ମାଷ୍ଟ୍ରେ ଭାବେ ପରିଚିତ ଥିଲେ । ଗ୍ରାମାଞ୍ଚଳରେ କଳାର ବିକାଶ ତଥା ଲୋକକଳାର ଆଦୃତି ନିମନ୍ତେ ଉଦ୍ୟମ ଜାରି ରଖିଥିଲେ ।

# ସ୍ୱଚ୍ଛ ଭାରତ ଯୋଜନା ବାଟବଣା

**ନୟାଗଡ଼ ଅଫିସ,୪ା୧**

- ପାଇଖାନା ପୂର୍ଣ୍ଣାଙ୍ଗ ନ କରି ବିଲ୍ ଉଠାଣ
- ଲୋକାୟୁକ୍ତ ଦ୍ୱାରା ଗଠିତ ଟିମ୍ କରିବ ତଦନ୍ତ
- ୨ମାସ ମଧରେ ଶେଷ ହେବ ତଦନ୍ତ
- ଖଣ୍ଡପଡ଼ା ବ୍ଲକରେ ୨୨ କୋଟି ଟଙ୍କାର ପାଇଖାନା ଦୁର୍ନୀତି

ସ୍ୱଚ୍ଛ ଭାରତ ଯୋଜନାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକରେ ପାଇଖାନା କାର୍ଯ୍ୟ ପୂର୍ଣ୍ଣାଙ୍ଗ ନ କରି ୨୨ କୋଟି ଟଙ୍କା ହଡ଼ପ ହୋଇଥିବା ଲୋକାୟୁକ୍ତ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ବିଚାର କରି ୨ ମାସ ମଧରେ ପାଇଖାନା ଦୁର୍ନୀତିର ତଦନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଲୋକାୟୁକ୍ତଙ୍କ ଦ୍ୱାରା ଗଠିତ ଟିମ୍ ଏହି ଦୁର୍ନୀତିର ତଦନ୍ତ କରିବ।

ଅଭିଯୋଗ ଅନୁସାରେ, ଖଣ୍ଡପଡା ବ୍ଲକର ୨୨ ପଞ୍ଚାୟତରେ ୨୨ ହଜାର ପାଇଖାନା ନିର୍ମାଣ ହୋଇଛି। ଏ ବାବଦରେ ୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କେଉଁ ପାଇଖାନାରେ କବାଟ ଲାଗିନି ତ ଆଉ କେଉଁଠାରେ ପ୍ୟାନ୍ ପଡିନି। ପୁଣି କେଉଁ ପାଇଖାନା ବିନା ଟାଙ୍କିରେ ନିର୍ମାଣ ହୋଇଛି। ପାଇଖାନା କାର୍ଯ୍ୟ ଅଧପନ୍ତରିଆ ରହିଥିଲେ ମଧ ପୂର୍ଣ୍ଣାଙ୍ଗ ଦର୍ଶାଇ ବିଲ୍ ହୋଇସାରିଛି। ଏ ନେଇ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କୁହନ୍ତି, ଖଣ୍ଡପଡା ବ୍ଲକରେ ୨୨ ହଜାର ପାଇଖାନାରୁ ପ୍ରାୟ ୧୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ କାର୍ଯ୍ୟ ଅଧପନ୍ତରିଆ କରି କାର୍ଯ୍ୟ ସମ୍ପୂର୍ଣ୍ଣ ଦେଖାଯାଇଛି। ଏଣୁ ପାଇଖାନା ନିର୍ମାଣରେ ଦୁର୍ନୀତି କରାଯାଇ ୨୨ କୋଟି ହଡ଼ପ ହୋଇଛି। ଏ ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ନଂ.୧୫୩/୨୫।୨।୨୧ରେ ମାମଲା ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୧ ସେପ୍ଟେମ୍ବର ୯ରେ ପାଇଖାନା ଦୁର୍ନୀତି ନେଇ ଅତିରିକ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ଏହାପରେ ଲୋକାୟୁକ୍ତ ଖଣ୍ଡପଡା ବିଡିଓ, ଜେଇ ଓ ସହକାରୀ ଯନ୍ତ୍ରୀ ଆରଡବ୍ଲ୍ୟୁଏସ୍ଏସ୍‌ଙ୍କୁ କିଆଝର, କୋସକା, ଗୋଡିସାହି, ମର୍ଦ୍ଦରାଜପୁର, କଣ୍ଟିଲୋ ପଞ୍ଚାୟତରେ ତଥ୍ୟ ସହ କୈଫିୟତ ତଲବ କରିଥିଲେ। ତେବେ ଉପରୋକ୍ତ ପଞ୍ଚାୟତରେ ପାଇଖାନା ନିର୍ମାଣ ହୋଇ ବିଲ୍ ପେମେଣ୍ଟ ହୋଇଥିବା ବିଡିଓ ଲୋକାୟୁକ୍ତଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ୨୦୨୧ ନଭେମ୍ବର ୨୧ ଶୁଣାଣିରେ ଲୋକାୟୁକ୍ତ ଉକ୍ତ ୫ ପଞ୍ଚାୟତର ତାଲିକା ପିଟିଶନରଙ୍କୁ ଦେଇ ୨୦୨୧ ଡିସେମ୍ବର ୧୩ରେ ଶୁଣାଣି ପାଇଁ ରଖିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଶୁଣାଣି ୨୦୨୧ ଡିସେମ୍ବର ୨୮କୁ ଘୁଞ୍ଚିଥିଲା। ଡିସେମ୍ବର ୨୮ରେ ଲୋକାୟୁକ୍ତ ଶୁଣାଣି କରି କହିଥିଲେ, ପିଟିଶନର ଅର୍ଦ୍ଧନିର୍ମିତ ପାଇଖାନାର ଫଟୋ କପି ଦେଖାଉଛନ୍ତି। ଏଣୁ ପାଇଖାନାର ଦୁର୍ନୀତିକୁ ଲୋକାୟୁକ୍ତଙ୍କ ଦ୍ୱାରା ଗଠିତ ଟିମ୍ ତଦନ୍ତ କରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦ ନୟାଗଡ ଜିଲା ସମ୍ପାଦକ ନିରଞ୍ଜନ ଦାସ କୁହନ୍ତି, ବ୍ଲକର ବିଭିନ୍ନ ପଞ୍ଚାୟତର ଅସମ୍ପୂର୍ଣ୍ଣ ଫଟୋ ଓ ଭିଡିଓ ମୋ ପାଖରେ ଅଛି। ତଦନ୍ତ ସମୟରେ ଫଟୋ ଓ ଭିଡିଓ ଦେଖାଇବା ସହ ପାଇଖାନାର ବାସ୍ତବ ସ୍ଥିତି ଦେଖାଇବି। ଏହି କେଲେଙ୍କାରିରେ ୨ଜଣ ପୂର୍ବତନ ବିଡିଓ, ଆର୍‌ଡବ୍ଲ୍ୟୁଏସ୍ଏସ୍ ଜେଇ ଓ ସହକାରୀ ଯନ୍ତ୍ରୀ ସାମିଲ ଅଛନ୍ତି। ଖଣ୍ଡପଡ଼ାର ବିରଞ୍ଚି ସାହୁ କୁହନ୍ତି, ବ୍ଲକରେ ପାଇଖାନା କରାଯାଇଛି। ହେଲେ ପାଇଖାନା ବ୍ୟବହାରରେ ଲାଗୁନି। ଏହା ପରିତ୍ୟକ୍ତ ହୋଇ ପଡିରହିଛି। କିନ୍ତୁ ବ୍ଲକରେ ପାଇଖାନା ନିର୍ମାଣ କରି କୋଟି କୋଟି ଟଙ୍କା ହଡ଼ପ କରାଗଲା। ଲୋକାୟୁକ୍ତଙ୍କ ଦ୍ୱାରା ଗଠିତ ଟିମ୍ ଏହି ଘଟଣାର ବାସ୍ତବ ସ୍ଥିତି ଦେଖିଲା ପରେ ଦୁର୍ନୀତି କିପରି ହୋଇଛି ତାହା ଜଣାପଡ଼ିବ।



ଅବ୍ୟବହୃତ ଅବସ୍ଥାରେ ଥିବା ପାଇଖାନା ।

### ଦୁର୍ବୃତ୍ତଙ୍କ ନିଆଁରେ ପୋଡ଼ିଗଲା ଧାନ କଳେଇ

**ଓଡ଼ଗାଁ,୪ା୧(ସ୍ୱ.ପ୍ର.)**

ସୋମବାର ଧନୟପୁର ଗ୍ରାମରେ ପ୍ରାୟ ୫୦ ହଜାର ଟଙ୍କାର ଧାନ କଳେଇ ପୋଡି ପାଉଁଶ ହୋଇଥିଲା । ଏହାର ଗୋଟିଏ ଦିନ ପରେ କୁରୁମ ବାଙ୍କତରା ଗ୍ରାମରେ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତଙ୍କ ନିଆଁରେ ୬ଶହ ବସ୍ତା ଧାନ କଳେଇ ପୋଡ଼ି ପାଉଁଶ ହୋଇଯାଇଛି । ପାଚିଲା ଧାନକୁ ଅମଳ କରିବା ଉଦ୍ଦେଶ୍ୟରେ କୁରୁମବାଙ୍କତରା ଗ୍ରାମର ବିଦ୍ୟା ପ୍ରଧାନ ୩ଶହ ବିଡ଼ା, ପାଣୁ ଚରଣ ସାହୁ ୨ଶହ ବିଡ଼ା ଓ ହରି ମହାପାତ୍ର ୧ଶହ ବିଡ଼ା ପାଚିଲା ଧାନକୁ କାଟି କଳେଇ କରି ହୁଡ଼ାରେ ଗଦା ମାରିଥିଲେ । ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଧାନ ଗଦାରେ ନିଆଁ ଲଗାଇ ଦେଇଥିଲେ । ଏ ସମ୍ପର୍କରେ ସୂଚନା ମିଳିବା ପୂର୍ବରୁ ଧାନ କଳେଇ ପୋଡ଼ି ପାଉଁଶ ହୋଇଯାଇଥିଲା ।

### ଗାଡ଼ି ଧକ୍କାରେ ବ୍ୟାଙ୍କ କର୍ମଚାରୀ ଗୁରୁତର

**ଓଡ଼ଗାଁ,୪ା୧(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ଓ ବାହାଡ଼ାଖୋଲା-ମହୀପୁର ରାସ୍ତାର ଶୁଣ୍ଠିଖୋଲା-କଇଁଠପଲ୍ଲୀ ସ୍କୁଲ ନିକଟରେ ଏକ କାର ଦୁର୍ଘଟଣାରେ ବ୍ୟାଙ୍କ୍ ଅଫ୍ ବରୋଦା ବାହାଡ଼ାଖୋଲା ଶାଖାର କର୍ମଚାରୀ ବାଇକ୍ ସନ୍ତୋଷ ପଲ୍ଲେଇ(୩୦) ଏବଂ ଚାଳକ ଡିମିରିପଲ୍ଲୀ ଗାଁର ଦିବ୍ୟଜ୍ୟୋତି ସାହୁ(୨୫) ଗୁରୁତର ହୋଇଛନ୍ତି । ଉଭୟେ ଓଆର ୨୫ ସି ୪୧୭୭ ବାଇକ୍‌ରେ ଆସୁଥିବା ବେଳେ ଏକ କାର ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା । ସେମାନେ ରାସ୍ତାରେ ଛିଟିକି ପଡିଥିଲେ । ଫଳରେ ଉଭୟଙ୍କ ଗୋଡ଼ ଭାଙ୍ଗି ଯାଇଥିଲା । ୧୦୮ ଆମ୍ବୁଲାନ୍ସ ନ ମିଳିବାରୁ ଏକ ଘରୋଇ କାରରେ ନୟାଗଡ଼ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ସାତକୋଶିଆ ଗଣ୍ଡରେ କୁମ୍ଭୀର, ପକ୍ଷୀ ଗଣନା ଆଜି

**ଗଣିଆ, ୪ା୧(ଡି.ଏନ.ଏ.)**

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ଜାନୁୟାରୀ ୫ରୁ ୭ ତାରିଖ ଯାଏ ସାତକୋଶିଆ ଗଣ୍ଡ ଅଞ୍ଚଳ ସହ ବିଭିନ୍ନ ଜଳାଶୟରେ କୁମ୍ଭୀର ଓ ପକ୍ଷୀ ଗଣନା କରାଯିବ। ଏଥିସହ ସାତକୋଶିଆ ଗଣ୍ଡରେ ପର୍ଯ୍ୟଟକମାନଙ୍କ ପାଇଁ ନୌକା ବିହାରକୁ ବାରଣ କରାଯାଇଥିବା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ବନ୍ୟପ୍ରାଣୀ ବିଭାଗର କର୍ମଚାରୀଙ୍କୁ ୯ଟି ୟୁନିଟ୍‌ରେ ବିଭକ୍ତ କରାଯାଇ କୁମ୍ଭୀର ଓ ପକ୍ଷୀ ଗଣନା କରାଯିବ। ନୟାଗଡ଼ ଜିଲାର ଛାମୁଣ୍ଡିଆଠାରୁ ଅନୁଗୋଳ ଜିଲା ଅଇଡା ପର୍ଯ୍ୟନ୍ତ ମହାନଦୀର ଉଭୟ ପାର୍ଶ୍ୱରେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଡଙ୍ଗା ସାହାଯ୍ୟରେ କୁମ୍ଭୀର ଓ ପକ୍ଷୀ ଗଣନା କରିବେ। ଗଣନା ବେଳେ ବାଇନାକୁଲାର ଦ୍ୱାରା କୁମ୍ଭୀରମାନଙ୍କୁ ପ୍ରତ୍ୟକ୍ଷ ଦେଖିବା ଓ ଘୋଷରା ଚିହ୍ନକୁ ଲକ୍ଷ୍ୟକରି ଗଣନା କରିବା ସହ ଜଳାଶୟଗୁଡିକରେ ଦଳ ଦଳ ପକ୍ଷୀଙ୍କୁ ଦେଖି ଗଣନା କରାଯିବ। ଏହି ସମୟରେ ମହାନଦୀର ଗଣ୍ଡ ଅଞ୍ଚଳ ଓ ଜଳାଶୟଗୁଡିକରେ ନୌକାବିହାର, ମତ୍ସ୍ୟଜୀବୀଙ୍କୁ ମାଛ ଧରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବନଖଣ୍ଡ ଅଧିକାରୀ ସମୀର କୁମାର ଶତପଥୀଙ୍କଠାରୁ ସୂଚନା ମିଳିଛି।



ସାତକୋଶିଆ ଗଣ୍ଡରେ କୁମ୍ଭୀର।

## ଏଟିଏମ୍ ଲୁଟ୍ ବେଳେ ଧରାପଡ଼ିଲେ ୪ ଜଣ

**ଦଶପଲ୍ଲା, ୪ା୧( ଡି.ଏନ.ଏ.)**

ଦଶପଲ୍ଲା ଥାନା ଅନ୍ତର୍ଗତ ବାଣୀଗୋଛାଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବେଳେ ସ୍ଥାନୀୟ ଲୋକ ଓ ପୋଲିସ ମିଳିତ ଭାବେ ଲୁଟ୍ ଉଦ୍ୟମ ବ୍ୟର୍ଥ କରିବା ସହ ୪ ଦୁର୍ବୃତ୍ତ ଧରା ପଡିଛନ୍ତି। ସୋମବାର ବିଳମ୍ବିତ ରାତିରେ କଟର ମେଶିନ୍ ଓ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରି ଏଟିଏମ୍ ଭଙ୍ଗା ଯାଉଥିବା ଜାଣି ଲୋକେ ପାଟି କରିବା ସହ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ଅଟକ ୪ ଜଣ ହେଲେ କେନ୍ଦ୍ରାପଡ଼ା ଜିଲାର ଚିତ୍ତରଞ୍ଜନ ମଲ୍ଲିକ ଓ ଶରତ କୁମାର ସାମଲ, ଖୋର୍ଦ୍ଧା ଜିଲାର ବିମଳ ସିଂ ଓ ବୁଲୁ ବେହେରା ବୋଲି ଜଣାପଡିଛି। ପୋଲିସ୍ ପକ୍ଷରୁ ଲୁଟ ଉଦ୍ୟମ ଘଟଣାର ତଦନ୍ତ ଜାରି ରହିଛି।



## ପାନୀୟ ଜଳ ପ୍ରକଳ୍ପକୁ ନେଇ ଅସନ୍ତୋଷ ଗ୍ରାମବାସୀଙ୍କ ଧାରଣା



ଧାରଣା ଦେଇଥିବା ଗ୍ରାମବାସୀ ।

**ଖଣ୍ଡପଡ଼ା, ୪ା୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ବନମାଳୀପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ଗ୍ରାମରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ନେଇ ଅସନ୍ତୋଷ ମଙ୍ଗଳବାର ତୀବ୍ର ହୋଇଛି। ଏ ନେଇ ସୋମବାରଠାରୁ ପୁରୁଷୋତ୍ତମପୁର ଗ୍ରାମବାସୀ ପ୍ରକଳ୍ପ ସ୍ଥାନରେ ଧାରଣା ଦେଇଥିଲେ। ମଙ୍ଗଳବାର ତହସିଲଦାରଙ୍କ ହସ୍ତକ୍ଷେପ ଯୋଗୁ ଧାରଣା ପ୍ରତ୍ୟାହୃତ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ପ୍ରକଳ୍ପ ପାଇଁ ପୁରୁଷୋତ୍ତମପୁରର ଜମି ଯୋଗାଇ ଦେଇଥିଲେ ହେଁ ଠିକା ସଂସ୍ଥା ରାସ୍ତା, ପୋଖରୀ ଓ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସର୍ତ୍ତରେ ଖିଲାପ କରିଛି। ଠିକା ସଂସ୍ଥା ଓ ପ୍ରଶାସନର ନିୟମ ଅନୁଯାୟୀ, ୧୦ ଏକର ଜମି ଅଧିଗ୍ରହଣ ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ଉକ୍ତ ସଂସ୍ଥା ପ୍ରାୟ ୩୦ ଏକରରୁ ଉର୍ଦ୍ଧ୍ୱ ସ୍ଥାନ ମାଡି ବସିଛି। ଜନଶୁଣାଣି ସମୟରେ ଗ୍ରାମର ଯୁବକଙ୍କୁ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ କିନ୍ତୁ ତାହା ଉଲ୍ଲଂଘନ କରାଯାଇଛି। ଧାରଣା ଯୋଗୁ ପ୍ରକଳ୍ପ କାମ ସାମୟିକ ବନ୍ଦ ଥିବାବେଳେ ଠିକା ସଂସ୍ଥା କର୍ତ୍ତୃପକ୍ଷ ଓ ସ୍ଥାନୀୟ ତହସିଲଦାର ଏବଂ ପୋଲିସ ଉପସ୍ଥିତିରେ ଆଲୋଚନା ହେବ ବୋଲି ଗ୍ରାମବାସୀ ଦାବି କରିଥିଲେ। ଅପରାହ୍ନରେ ଖଣ୍ଡପଡା ତହସିଲଦାର ପାର୍ଥସାରଥି ହାଂସଦା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇଥିବା ଜଣାପଡିଛି। ଠିକା ସଂସ୍ଥା କର୍ତ୍ତୃପକ୍ଷ ଏଣିକି ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ରାସ୍ତା, ପୋଖରୀ ତଥା ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବ ବୋଲି କହିଥିଲେ। ୭୫୨କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ନୟାଗଡ଼ ଜିଲାର ୪ଟି ବ୍ଲକର ଦୀର୍ଘଦିନର ଜଳକଷ୍ଟ ଦୂରହେବ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପ୍ରତି ଠିକା ସଂସ୍ଥା ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ନୂଆଗାଁର ବିକାଶ ନ ହେବାରୁ ଅସନ୍ତୋଷ

**ନୂଆଗାଁ, ୪ା୧ (ଡି.ଏନ.ଏ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାମ ନ ହୋଇ ପଡିରହିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳର ବିକାଶ ପାଇଁ ପ୍ରଶାସନ ଆଖି ବୁଜି ଦେଇଛି। କିଛି ଯୋଜନା ପାଇଁ ସରକାରୀ ଅନୁଦାନ ମିଳୁଥିଲେ ମଧ ବ୍ଲକ ପ୍ରଶାସନିକ କର୍ମଚାରୀ, ଠିକାଦାର ଓ ସ୍ଥାନୀୟ ନେତାମାନଙ୍କ ଅସହଯୋଗ ଫଳରେ ତାହା ଅସଫଳ ହେଉଥିବା ଅଭିଯୋଗ ହେଉଛି। ଶହୀଦ କଷ୍ଟି ଡାକୁଆଙ୍କ ନାମରେ ଗୋଟିଏ ଗୃହ ପାଇଁ ୨୦୦୯ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ୨୦୧୬ରେ ସରକାରୀ ଅନୁଦାନ ଦିଆଯାଇଥିଲା। କିନ୍ତୁ ଅନୁଦାନ ମିଳିବାର ୫ ବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। ବ୍ଲକଠାରୁ ବହୁ ଦୂରରେ ଥିବା ଗାଁରେ କ୍ଲବ ଗୃହ ନିର୍ମାଣ ହେଉଥିବା ବେଳେ ନୂଆଗାଁରେ ହୋଇପାରୁନାହିଁ। ଅନୁରୂପ ଭାବେ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ମଧ ଅଧପନ୍ତରିଆ ଭାବେ ପଡିରହିଛି। ଫଳରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁ ଓ କର୍ମଚାରୀ ହଇରାଣ ହେଉଛନ୍ତି। କେତେକ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ସ୍କୁଲରେ ଚାଲିଥିବା ବେଳେ ନାନା ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ସେହିପରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ପଞ୍ଚାୟତ ଗୃହର ପାଚେରି ନିର୍ମାଣ ପାଇଁ ୨୦୧୭-୧୮ରେ ଅନୁଦାନ ମଞ୍ଜୁର ହୋଇଥିଲେ ମଧ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଛି। ପ୍ରତି ଗାଁ ଓ ସାହିକୁ ପକ୍କାରାସ୍ତା ନିର୍ମାଣ ସହ ପାଣି ନିଷ୍କାସନ ପାଇଁ ଡ୍ରେନ୍‌ର ବ୍ୟବସ୍ଥା କରାଯାଉଛି, ତାହା କେତେଦୂର ଠିକ୍ ଭାବେ ହେଉଛି ବ୍ଲକ ସାମ୍ନାରେ ଥିବା ସାହିରୁ ପ୍ରମାଣିତ ହୁଏ। ଅସରାଏ ବର୍ଷା ହେଲେ କାଦୁଅ ରାସ୍ତାରେ ଯିବାକୁ ପଡ଼େ। ଏନେଇ ସାହିବାସିନ୍ଦା ବାରମ୍ବାର ଅଧିକାରୀମାନଙ୍କ ଦ୍ୱାରସ୍ଥ ହେଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ନୂଆଗାଁ ବ୍ଲକର ସଦର ପଞ୍ଚାୟତ, ଯାହାକି ବ୍ଲକ କାର୍ଯ୍ୟାଳୟ ନାକତଳେ ରହିଛି, ସେଥିପ୍ରତି କାହାର ନଜର ପଡୁନି। ସରକାରୀ ଅନୁଦାନ ଆସୁଥିଲେ ମଧ ବାଦବିବାଦରେ ଛନ୍ଦି ହୋଇପଡୁଛି ନୂଆଗାଁର ବିକାଶ। ନୂଆଗାଁ ବିକାଶ ବାବଦରେ ସରପଞ୍ଚ ଗଜେନ୍ଦ୍ରନାଥ ପ୍ରଧାନଙ୍କୁ ପଚାରିବାରେ କାର୍ଯ୍ୟ କରିବାକୁ ରୋକ୍ ଲଗାଯାଇଛି। ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ପାଣ୍ଠିର ଅଭାବ ଯୋଗୁ କାମ ଅଟକି ରହିଥିବା କହିଛନ୍ତି।



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ପଞ୍ଚାୟତ ପାଚେରି ଓ ଗେଟ୍।

DSPL-372

ଓଡ଼ିଶା ଶାସନ

### ୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା

**ଟୀକାକରଣ ପାଇଁ ଯୋଗ୍ୟତା** - ୧୫ ରୁ ୧୮ ବର୍ଷ ମଧରେ ଥିବା ସମସ୍ତ ପିଲା ( ୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

**ପଞ୍ଜୀକରଣ ଉପାୟ** - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜୀକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜୀକରଣ କରନ୍ତୁ।

**ପଞ୍ଜୀକରଣ ପାଇଁ ଆବଶ୍ୟକ ପରିଚୟପତ୍ର** (ନିମ୍ନ ପ୍ରଦତ୍ତ ମଧରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

**ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି** - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

**ଟୀକାର ନାମ** - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

**ଦୁଇ ଡୋଜ୍ ଟୀକା ମଧରେ ବ୍ୟବଧାନ** - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧରେ ୨ୟ ଡୋଜ୍ ନିଆଯାଇ ପାରିବ।

**ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା** - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ଟୀକା ନେବାପରେ ମଧ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ**

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

